**ଗ୍ରାମୀଣ କୃଷି ମୌସୁମୀ ସେବା**

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 08-12-2023

ଗଜପତି(ଓଡିଶା) - :2023-12-08 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2023-12-09 | 2023-12-10 | 2023-12-11 | 2023-12-12 | 2023-12-13 |
|---|---|---|---|---|---|
| ବର୍ଷା (ମିମି) | 1.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 30.0 | 30.0 | 31.0 | 31.0 | 30.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 20.0 | 19.0 | 17.0 | 17.0 | 16.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 95 | 92 | 93 | 93 | 90 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 56 | 55 | 48 | 41 | 36 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 4 | 4 | 4 | 3 | 4 |
| ପବନର ଦିଗ (ଡିଗ୍ରୀ) | 112 | 112 | 154 | 158 | 195 |
| ମେଘାଛନ୍ନ (ଅକ୍ଟା) | 4 | 4 | 1 | 3 | 3 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହିତ ଆକାଶ ମୁଖ୍ୟତଃ ସଫା ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୩.୦ ରୁ ୦୪.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୦.୦° ସେଲସିୟସ ରୁ ୩୧.୦° ସେଲସିୟସ ଏବଂ ୧୬.୦° ସେଲସିୟସ ରୁ ୨୦.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୯୦ ରୁ ୯୫ ଶତକଡା ଏବଂ ୩୬ ରୁ ୫୬ ଶତକଡା ମଧ୍ୟରେ ରହିପାରେ ।

## ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୨୯.୪° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୦.୭° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୩୨.୦ ମିଲିମିଟର ବର୍ଷା ହୋଇଅଛି ଫସଲ ରେ ପଟାସ ପ୍ରୟୋଗ କରନ୍ତୁ, ଯାହା ଫଳ ରେ ଫସଲ ର ରୋଗ ସହଣୀ ଶକ୍ତି ବଢିବ। ଗଛ ରୁ ପଡିଥିବା ଲେମ୍ବୁ, ଅମୃତଭଣ୍ଡା ଏବଂ ପିଜୁଳି ଆଦି ଯଥାଶୀଘ୍ର ବିକ୍ରି ବଟା ର ବ୍ୟବସ୍ଥା କରନ୍ତୁ। ବର୍ଷା ଜଳ କୁ ଉପଯୋଗ କରି ଜମି ପାଗ ହେବା ପରେ ହଳ କରି ରବି ଫସଲ ଆଦି ବୁଣା ବୁଣି କରିବା ଆରମ୍ଭ କରି ଦିଅନ୍ତୁ । ସାଂପ୍ରତିକ ଜଳବାୟୁ ରେ ବର୍ଷା ଛାଡିଲା ପରେ ପନିପରିବା ଫସଲ ରେ ଫିମ୍ପି ଜନିତ ରୋଗ ଲାଗିପରେ, ଏହାର ନିରାକରଣ ପାଇଁ ବର୍ଷା ଛାଡିଲା ପରେ କାର୍ବେଣ୍ଡାଜିମ ଓ ମାଙ୍କୋଜେବ ମିଶ୍ରିତ ଔଷଧ କୁ ଲିଟର ପ୍ରତି ୨ ଗ୍ରାମ ହିସାବ ରେ ଗୋଳାଇ ସିଂଚନ କରନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

ସଅଳ ଲଗାଯାଇଥିବା ପନିପରିବା ରେ ବର୍ଷା ପରେ ପତ୍ରଗୁଡିକ ଯଦି ମାଟିରେ ଲାଗିଯାଇଥାଏ ତେବେ ସେହି ପତ୍ରଗୁଡ଼ିକୁ ଛିଣ୍ଡାଇ ଦିଅନ୍ତୁ ।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ରୁଆ ଧାନ ବର୍ତମାନ ମଞ୍ଜି ପାକଳ ରୁ ଅମଳ ହେବା ଅବସ୍ଥାରେ ଅଛି । ପାକଳ ଧାନ ଜମିରୁ ପଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ । ମଙ୍ଗଳବାର ପର୍ଯ୍ୟନ୍ତ ପାକଳ ଧାନ ଅମଳ କରନ୍ତୁ ନହିଁ ଓ ଅମଳ ହୋଇଥିବା ଫସଲକୁ ବର୍ଷା ଜନିତ କ୍ଷତି ରୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନ କୁ ନିଅନ୍ତୁ । |
| ତୁଳା | ବୁଣା ଯାଇଥିବା କପା ବର୍ତମାନ ଫଳ ପାକଳ ହେବା ରୁ ଫଳ ଫାଟିବା ଅବସ୍ଥାରେ ଅଛି। ପାକଳ କପା ଅମଳ ସ୍ଥଗିତ ରଖନ୍ତୁ ଓ ଅମଳ କପା କୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ। |
| ମୁଗ | ମୁଗ ବର୍ତମାନ ବୁଣା ଯିବାରୁ ଗଜା ହେବା ଅବସ୍ଥାରେ ଅଛି। ମୁଗ ବୁଣିବା ନିମନ୍ତେ ଜମି ପ୍ରସ୍ତୁତି ଓ ବିହନ ବୁଣିବା ସ୍ଥଗିତ ରଖନ୍ତୁ । ଉନ୍ନତ ମୁଗ କିସମ IPM-02-14, ବିରାଟ, PDM-54, PDM_139, TARM-1, TARM-2, Pusa-Vishal ଇତ୍ୟାଦି ଏକରକୁ ୮-୧୦ କିଲୋ ବିହନ ବୁଣନ୍ତୁ। |
| ବିରି | ବିରି ବର୍ତମାନ ବୁଣା ଯିବାରୁ ଗଜା ହେବା ଅବସ୍ଥାରେ ଅଛି। ବିରି ବୁଣିବା ନିମନ୍ତେ ଜମି ପ୍ରସ୍ତୁତି ଓ ବିହନ ବୁଣିବା ସ୍ଥଗିତ ରଖନ୍ତୁ। ଉନ୍ନତ ବିରି କିସମ PU-30, PU-19, PU-35, Ujjala, Prasad, PDU-1 ଇତ୍ୟାଦି ଏକରକୁ ୮-୧୦କିଲୋ ବିହନ ବୁଣନ୍ତୁ। |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ପିଆଜ | ପିଆଜ ତଳି ବର୍ତମାନ ୫-୭ ସପ୍ତାହ ଚାରା ଅବସ୍ଥାରେ ଅଛି । ବର୍ଷା ରୁ ରକ୍ଷା କରିବା ପାଇଁ ତଳି ପଟାଳି ଉପାରେ ଛାମୁଣ୍ଡିଆ କରନ୍ତୁ। ପିଆଜ ତଳି ୮ ସପ୍ତାହ ଅବସ୍ଥାରେ ମୁଖ୍ୟ ଜମି ରେ ରୋଇବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ସର୍ବନିମ୍ନ ତାପମାତ୍ରା କମ ଥିବାରୁ, ପ୍ରାଣୀ ଗୁହାଳ ରେ ପବନ ଚଳପ୍ରଚଳ ପାଇଁ ପାଇଁ ଖାଲି ସ୍ଥାନ ଥିଲେ ଏହାକୁ ରାତ୍ରି ସମୟରେ ରେ ବନ୍ଦ କରି ଦିଅନ୍ତୁ । ଶୀତ ଋତୁ ରେ ଗାଈଗୋରୁ ମାନଙ୍କୁ ପ୍ରତିଦିନ ଖଣିଜ ପଦାର୍ଥ ସହ ଲୁଣ, ଚୋକଡ ଓ ଗୁଡ ଆଦି ୧୦ ରୁ ୨୦ ଶତକଡା ଖାଇବାକୁ ଦିଅନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ କାର୍ପ | ଶୀତ ଋତୁରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ । ଏହି ରୋଗ ମାନଙ୍କର ନିରାକରଣ ପାଇଁ ଶୀତ ଋତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି ୪୦୦ ମିଲି CIFAX କିମ୍ବା ୧ ରୁ ୨ କେଜି ପୋଟାସିୟମ ପରମାଙ୍ଗାନେଟ କିମ୍ବା ୫୦ ରୁ ୧୦୦ କେଜି ଚୂନ ମିଶାଇ ବିଶୋଧନ କରନ୍ତୁ । ଶୀତ ଋତୁରେ ମାଛ ମାନଙ୍କୁ ରୋଗ ନହେବା ପାଇଁ ଏକ ଏକର ପୋଖରୀ ପ୍ରତି ୧୦୦ କେଜି ଲୁଣ ପ୍ରୟୋଗ କରନ୍ତୁ । |